# ଗ୍ରାମୀଣ କୃଷି ମୌଷମ ସେବା
## ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩


**ସପ୍ତାହ ସଂଖ୍ୟା -୫୧**


Deepanjali Dugal,
Jr. Agrometeorologist



ବୁଲେଟିନ ନମ୍ବର :୧୦୨
ତାରିଖ : ୨୨.୧୨.୨୦୨୩
(ଶୁକ୍ରବାର)


## ଢେଙ୍କାନାଳ ଜିଲ୍ଲା

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା ୧୬.୧୨.୨୦୨୩ ରୁ ୨୨.୧୨.୨୦୨୩)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୯-୨୭.୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୧.୪-୧୨.୭ |

**ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 23-12-2023 | 0 | 26 | 12 | 2 | 79 | 32 | 4 | 117 |
| 24-12-2023 | 0 | 26 | 13 | 2 | 75 | 33 | 5 | 71 |
| 25-12-2023 | 0 | 27 | 14 | 0 | 78 | 31 | 4 | 72 |
| 26-12-2023 | 0 | 27 | 14 | 0 | 81 | 31 | 5 | 112 |
| 27-12-2023 | 0 | 27 | 14 | 0 | 76 | 31 | 5 | 198 |

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଆକାଶ ପରିଷ୍କାରରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୪-୦୫ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୬°C-୨୭°C ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୨°C ରୁ ୧୪°C ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୫ ରୁ ୮୧ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୩୧ ରୁ ୩୩ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ବର୍ତ୍ତମାନ ବିଳମ୍ବ କିସମ କୋବି ଫସଲ ପାଇଁ ତଳି ରୋଉଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା କରିବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ ।
- ସୂର୍ଯମୁଖୀ ଫସଲ ବର୍ତମାନ ୨୫-୩୦ ଦିନ ଅବଧିରେ ଅଛି। କୋଡାଖୋସା କରି ଘାସ ବାଛି ଯବକ୍ଷାରଜାନ ଯୁକ୍ତ ସାରକୁ ପ୍ରୟୋଗ କରନ୍ତୁ।
- ସଅଳ ଲଗାଯାଇଥିବା ଆଳୁ ଫସଲ ଏବେ ୩ ସପ୍ତାହ ଅବଧିରେ ଅଛି। କୋଡାଖୋସା ଏବଂ ଘାସ ବାଛି ୩୦-୪୫ କିଗ୍ରା ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ।

**ଡାଲୁଅ ଧାନ:**

ଧାନ ତଳିଘେରାକୁ ଶିତ ଲହରୀରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ବୋରେୱେଲ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟିକୁ ଓଦା ରଖନ୍ତୁ। ତଳିଘେରା ଉପରେ ଶୁଖିଲା ଗୋବର ଖତ ଗୁଣ୍ଡର ଏକ ପତଳା ଆସ୍ତରଣ ପକାନ୍ତୁ। ଧାନ ତଳିଘେରାକୁ ରାତ୍ରି ସମୟରେ ପଲିଥିନ ସାହାର୍ଯ୍ୟରେ ଘୋଡାଇ ରଖନ୍ତୁ ।

**ମୁଗ ଓ ବିରି :**

ବର୍ତମାନ କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ, ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି **Sulphur ୮୦% WP @** ୮୦୦ ଗ୍ରାମ କିମ୍ୱା **Hexaconazole ୫% E.C @** ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଆଖୁ:**

ଆମ ରାଜ୍ୟ ଜଳବାୟୁ ଅନୁସାରେ ନଭେମ୍ବର ରୁ ଫେବୃୟାରୀ ଆଖୁ ଲଗାଇବାର ଉପଯୁକ୍ତ ସମୟ। ନିଗିଡା, ନିଶ୍ଚିତ ଜଳସେଚନ ସୁବିଧା ଥିବା ଜମିରେ ଆଖୁ ଲଗାନ୍ତୁ ।

**ସୋରିଷ:**

ବର୍ତମାନ ସମୟରେ ସୋରିଷ ଫସଲରେ ପତ୍ରାଛନ୍ଦା ପୋକ ଓ କରତିଆ ମାଛି ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହାର 7-୧୦ ଦିନପରେ ଏକର ପ୍ରତି ୫୦୦ ଗ୍ରାମ **Bacillus thuringenesis** ୨୦୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ ।ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି **Ethofenprox** କିମ୍ୱା ୪୦୦ ମିଲି **Chlorpyriphos** ଏବଂ **Cypermethrin** ର ମିଳିତ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ:**

ଆଳୁ ଫସଲରେ ସଅଳ ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ **Mancozeb** କିମ୍ୱା ୪୦୦ ଗ୍ରାମ **Carbendazim** ଓ **Mancozeb** ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଳୁ ଫସଲରେ ଉତ୍ଛୁର ପତ୍ରପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ **Metalaxyl** ଓ **Mancozeb** ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**କୋବି ଜାତୀୟ ପନିପରିବା :**

କୋବି ଜାତୀୟ ପନିପରିବା ଫସଲରେ ଅଲ୍ଟରନାରିଆ ପତ୍ରଦାଗ ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ **Mancozeb** କିମ୍ୱା ୪୦୦ ଗ୍ରାମ **Carbendazim** ଓ **Mancozeb** ର ମିଳିତ ଫିମ୍ପିନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**କଖାରୁ ଜାତୀୟ ପନିପରିବା :**

ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି **Metalaxyl ୮% + Mancozeb ୬୪% W.P @** ୪୦୦ ଗ୍ରାମ କିମ୍ୱା **Fosetyl -AL ୮୦ % WP @** ୬୦୦ ଗ୍ରାମ**,** ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ଗେଣ୍ଡୁ:**

ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି **Chlorpyriphos** ଓ **Cypermethrin**ର ମିଳିତ କୀଟନାଶକ କିମ୍ବା ୩୦୦ ମିଲି **Lambda Cyhalothrin** ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଂଚନ କରନ୍ତୁ ।

**ପ୍ରାଣୀ ସମ୍ପଦ:**

ଶୀତଦିନେ **PPR** ରୋଗ 'ଛେଳିମହାମାରୀ' ଭାବରେ ମଧ ଜଣା ଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରେ ଯାହା ହଠାତ୍ ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଅଳିଆ କୋଟ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ । ଗର୍ଭବର୍ତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି । ତେଣୁ ପଶୁ ମାନଙ୍କୁ ଉଚିତ ଟୀକାକରଣ କରନ୍ତୁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**